# ଜାତି ଗଲା ସିନା

ରବୀନ୍ଦ୍ରନାଥ ମହାନ୍ତ

ଜାତି ଗଲା ସିନା ପେଟ କି ପୁରିଲା ନିଜକୁ କ୍ଷତ୍ରୀୟ କହି
କୁଟୁମ୍ବି ସହିତ ବନ୍ଧୁ କି ବାନ୍ଧିଲେ ଜଣେ ବି କ୍ଷତ୍ରୀୟ କେହି । (୧)

କ୍ଷତ୍ରୀୟ ହୋଇ ତୁ ଜନଜାତିଠାରୁ କେଉଁ ଗୁଣେ ହେଲୁ ବଡ଼
କହି ପାରିବୁ କି କ୍ଷତ୍ରୀୟ ହୋଇ ତୁ ଜିଣିଅଛୁ କେଉଁ ଗଡ଼ । (୨)

କ୍ଷତ୍ରୀୟର କେଉଁ ଧର୍ମ ପାଳୁଅଛୁ କାହିଁ ତୋର ଉପବୀତ
କେଉଁ ଗୁଣ ଧର୍ମେ କ୍ଷତ୍ରୀୟର ସମ ସିଦ୍ଧାନ୍ତରେ ଉପନୀତ । (୩)

ତୋ ପୂର୍ବ ପୁରୁଷ କେଉଁ ରାଇଜରେ ହୋଇଥିଲେ କେବେ ରାଜା ?
ଇତିହାସ ତାର ସାକ୍ଷୀ ରହିଛି କି ଉଡୁଛି କି କୀର୍ତ୍ତିଧ୍ୱଜା । (୪)

ଅମୁକ ଲୋକର ଅଟୁ ବଂଶଧର ବୋଲି ଯେତେ ଦେଲେ ଦ୍ୱାହୀ
ଅଯୌକ୍ତିକ ସମ ବୃଥା ସେ ପ୍ରମାଣ ସ୍ୱୀକୃତି ଦେବେ ନି କେହି । (୫)

ନିଜ ପିତା ଯଦି ହୋଇଥାଏ ମୁର୍ଖ ସେଥିରେ କାହିଁକି ଲାଜ
ଭଦ୍ର ବ୍ୟକ୍ତି ଦେଖି ପିତା କହିଲେ କି ସିଦ୍ଧି ହେବ ନିଜ କାର୍ଯ୍ୟ । (୬)

ଅନ୍ୟର ପିତାକୁ ପିତା ଡାକିଦେଲେ ଦେବେ ନି କେହି ସ୍ୱୀକୃତି
ଭାବିବେ ଏ ଲୋକ ଅଟଇ ପାଗଳ ଘଟିଛି ମଥା ବିକୃତି । (୭)

କ୍ଷତ୍ରୀୟ ବୋଲାଇ ପାଇଲୁ କି ତୁହି ରାଜପଦରୁ କିଞ୍ଚିତ
ଜନଜାତି ଲାଗି ସଂରକ୍ଷିତ ଭାଗୁ ହୋଇଲୁ ସିନା ବଞ୍ଚିତ । (୮)

ଏବେ ଜନଜାତି ହେବା ଲାଗି ଯଦି କରାଯାଏ ପୁଣି ଦାବି
ଅନ୍ୟ ଜାତି ଲୋକେ କହିବେ ନିଶ୍ଚୟ ଏ ଜାତିଟା ସ୍ୱାର୍ଥବାଦୀ । (୯)

ନିଜର ନିଜତ୍ୱ ବୋଲି କିଛି ନାହିଁ ନାହିଁ ଜାତି ସ୍ୱାଭିମାନ
ଅବସର ଦେଖି ଫାଇଦା ନେବାଟା ଅଟଇ ଏହାଙ୍କ ଧ୍ୟାନ । (୧୦)

ସ୍ୱହସ୍ତରେ ଜିହ୍ୱା କରିଲେ ଛେଦନ ସେଥିପାଇଁ କିଏ ଦାୟୀ
ଭାଗ୍ୟକୁ ଆଦରି ରହିବା ବ୍ୟତୀତ ଆଉ କି ହୋଇବ ଭାଇ । (୧୧)

ହିନ୍ଦୀ ଶିକ୍ଷକ, କରଞ୍ଜିଆ ଉଚ୍ଚ ବିଦ୍ୟାଳୟ